# Akashvani, Sambalpur

## SAMBALPURI NEWS MORNING BULLETIN

## 14 March 2026 - 6.47- 6.52 am.

---

ବରପୁତ୍ର ଐତିହ୍ୟ ଗ୍ରାମ ଯୋଜ୍‌ନା          ଆଇ.ଆଣ୍ଡ୍.ପି.ଆର୍

ବରପୁତ୍ର ଐତିହ୍ୟ ଗ୍ରାମ ଯୋଜ୍‌ନାର୍ ପହେଲା ଖେପ୍‌ଥି ୨୫ ଝନ୍ ବରପୁତ୍ରଙ୍କୁ ସାମିଲ୍ କରାଯାଇଛେ । ଇଥିର୍‌ଭିତ୍‌ରେ ସମ୍ବଲ୍‌ପୁର୍ ଜିଲ୍ଲାର୍ ବୀର ସୁରେନ୍ଦ୍ର ସାଏ, ବର୍‌ଗଡ଼୍ ଜିଲ୍ଲାର୍ ଗଙ୍ଗାଧର୍ ମେହେର୍ ଆର୍ ଶହୀଦ୍ ମାଧୋ ସିଂ, କଲାହାଣ୍ଡି ଜିଲ୍ଲାର୍ ଶହୀଦ ରେଣ୍ଡୋ ମାଝୀଙ୍କର୍ ନାଁ ଠାନ୍ ପାଇଛେ । ବରପୁତ୍ରମାନ୍‌କର୍ ଗାଁର୍ ବିକାଶ୍ ଲାଗି ସର୍ବାଧିକ୍ ୧୫ କୋଟି ଟଙ୍କା ଲେଖା ଖର୍ଚ୍ଚା କରାଯିବା । ବରପୁତ୍ର ମାନ୍‌କର୍ ଗାଁ ଆର୍ ତାର୍ ପାଖର୍ ଇଲାକା ନ ୨ ନୁ ୩ ଏକଡ଼୍ ଜମି ଚିହ୍ନଟ୍ କରିକରି ସଂସ୍କୃତି ବିଭାଗ୍‌କେ ଖୋବ୍ ଜଲ୍‌ଦି ଜନାବାର୍ ଲାଗି ଜିଲଲାପାଲ୍ ମାନ୍‌କୁ  ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ନିର୍ଦ୍ଦେଶ୍ ଦେଇଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ଯୋଜ୍‌ନାର୍

କାର୍ଯ୍ୟକାରିତା ଲାଗି ତିଆର୍ ହେଇଥିବା ରାଜ୍ୟସ୍ତରୀୟ ପ୍ରକଳ୍ପ ପରିଚାଳନା କମିଟିର୍ ପହେଲା ବୈଠକ୍‌ଥି ଅଧକ୍ଷତା କରିକରି ମନ୍ତ୍ରୀ ଶ୍ରୀ ସୂରଜ୍ ବରପୁତ୍ର ଆଦର୍ଶ ଆଉ ମୂଲ୍ୟବୋଧର୍ ପ୍ରଚାର୍ ପ୍ରସାର୍ ଦିଗେ ଇ ଯୋଜ୍‌ନା ବଡ଼ଭୂମିକା ନେବା ବଲି କହିଛନ୍ ।

ଶିଳ୍ପ ବିଭାଗ୍- ବଜେଟ୍ ଆଇ.ଆଣ୍ଡ୍.ପି.ଆର୍

୨୦୨୬-୨୭ ଆର୍ଥିକ୍ ବଛରେ ଶିଳ୍ପ ବିଭାଗ୍‌କେ ମଞ୍ଜୁର୍ କରାଯାଇଥିବା ବଜେଟ୍ ବିକଶିତ ଓଡ଼ିଶା ୨୦୩୬ ପରିକଳ୍ପନାକେ ବର୍‌କସ୍ କର୍‌ବାର୍ ଦିଗେ ବଡ଼ ଭୂମିକା ନେବା ବଲି ଶିଳ୍ପ ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ କହିଛନ୍ । ଇ ବଛ୍‌ରେ ବିଭାଗ୍ ଲାଗି ୧ ହଜାର୍ ୫ ଶହ ୧୭ କୋଟି ୪୯ ଲାଖ୍ ୯୨ ହଜାର୍ ଟଙ୍କାର୍ ବଜେଟ୍ ଆକଲନ୍ ଉପସ୍ଥାପନ୍ କରାଯାଇଛେ । ଇ ଅର୍ଥ ରାଏଜେ ଶିଳ୍ପର୍ ବିକାଶ୍‌କେ ତୁର୍‌ତି କର୍‌ବା, ପୁଞ୍ଜିନିବେଶ୍ ବଢ଼ାବାର୍ ସହେତେ ବ୍ୟାପକ ନିଯୁକ୍ତି ସୁଯୋଗ୍ ସୃଷ୍ଟି କର୍‌ବା ବଲି ଗଲାକାଏଲ୍ ସାମ୍ବାଦିକ୍ ମାନ୍‌କୁ ବିଭାଗ୍‌ର ବଜେଟ୍ ବାବ୍‌ଦେ ସୂଚ୍‌ନା ଦେଇକରି ମନ୍ତ୍ରୀ ଶ୍ରୀ ସ୍ୱାଇଁ

କହିଛନ୍ । ଇ ଅବ୍ସରେ ମନ୍ତ୍ରୀ ଯୋଜ୍ନା ଓ୍ୱାରି ଖର୍ଚ୍ଚା ବାବ୍ଦେ ସୂଚ୍ନା ଦେଇଛନ୍ ।

ବଜେଟ୍- ଏମ୍ଏସ୍ଏମ୍ଇ ଆଇ.ଆଣ୍ଡ୍.ପି.ଆର୍

ଅଣୁ କ୍ଷୁଦ୍ର ଆଉ ମଧମ୍ ଉଦ୍ୟୋଗ୍- ଏମ୍ଏସ୍ଏମ୍ଇ କ୍ଷେତ୍ର ଲାଗି ଇ ବଛର୍ ବଜେଟ୍ଥି ୭ ଶହ ୬୨ କୋଟି ୭୮ ଲାଖ୍ ୩୬ ହଜାର୍ ଟଙ୍କାର୍ ଖର୍ଚ୍ଚା ଦାବି ଗଲାକାଏଲ୍ ବିଧାନ୍ସଭା ନ ଉପସ୍ଥାପିତ୍ ହେଇଛେ । ଇ ବାବ୍ଦେ ଗଣମାଧମ୍କେ ସୂଚ୍ନା ଦେଇକରି ବିଭାଗ୍ର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍, ଏମ୍ଏସ୍ଏମ୍ଇ କ୍ଷେତ୍ରର୍ ବିକାଶ୍ ଲାଗି ଇ ବଜେଟ୍ ନୂଆଁ ମାଇଲ୍ଖୁଂଟା ସାଜ୍ବା । ନିଯୁକ୍ତି, ରୋଜ୍ଗାର୍, ଆର୍ଥିକ୍ ସମୃଦ୍ଧି ଆଉ ସାମଗ୍ରିକ୍ ବିକାଶ୍ଥି ଏମ୍ଏସ୍ଏମ୍ଇ କ୍ଷେତ୍ର କ୍ରାନ୍ତିକାରୀ ଭୂମିକା ନେବା ବଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ ।

ପଂଚଶଖା ଶିକ୍ଷା ସେତୁ ବୈଠକ୍ ଆଇ.ଆଣ୍ଡ୍.ପି.ଆର୍

ପଂଚଶଖା ଶିକ୍ଷା ସେତୁ ଯୋଜ୍‌ନାଥି ରାଜ୍ୟର୍ ୨୩ ଟା ଜିଲ୍ଲାର୍ ଭିନ୍ ଭିନ୍ ବିଦ୍ୟାଲୟ ନ ଭିତିଭୂମିର୍ ବିକାଶ୍ ଲାଗି ୯ କୋଟି ୪୮ ହଜାର୍ ୬ ଶହ ୭୮ ଟଙ୍କାର୍ ୮ ଶହ ୯୬ ଟା ପ୍ରକଳ୍ପ ମଞ୍ଜୁର୍ କରାଯାଇଛେ । ୪ ହଜାର୍‌ନୁ ଅଏତ୍‌କା ପୁରାତନ୍ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଆଉ ଅନୁଷ୍ଠାନ୍ ମାନେ ବିଦ୍ୟାଲୟମାନ୍‌କର୍ ଉନ୍ନତି ଲାଗି ଇ ଟଙ୍କା ସାହାଜ୍ ଦେଇଛନ୍ ବଲି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ହେଇଥିବା ଯୋଜ୍‌ନାର୍ କାର୍ଯ୍ୟନିର୍ବାହୀ ପରିଷଦ୍‌ଥି ସୂଚ୍‌ନା ଦିଆଯାଇଛେ । ବୈଠକ୍‌ଥି କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ପାଣ୍ଠିନୁ ମିଲିଥିବା ୫୪ କୋଟି ଟଙ୍କାଥି ବିଦ୍ୟାଲୟ ମାନ୍‌କେ ଶହେ ୩୪ ଟା ମଧ୍ୟାହ୍ନ ଭୋଜନ୍ କକ୍ଷ ତିଆର୍ କର୍‌ବାର୍ ପ୍ରସ୍ତାବ୍‌କେ ଭିଲ୍ ମଞ୍ଜୁରୀ ମିଲିଛେ ।

ପୁରୀ ରଥଯାତ୍ରା-ପ୍ରସ୍ତୁତି ବୈଠକ୍ ପୁରୀ ସମ୍ବାଦଦାତା

ପୁରୀର୍ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ଗଲକାଏଲ୍ ପହେଲା ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ସବୁ ବିଭାଗ୍‌ର ଅଧିକାରୀମାନେ ଯୋଗ୍ ଦେଇକରି ରଥଯାତ୍ରା ଲାଗି

ଗୁଟେ ମାଷ୍ଟର୍ ପ୍ଲାନ୍ ତିଆର୍ କରିଛନ୍ । ରଥଯାତ୍ରା ଲାଗି ସ୍ୱଳ୍ପ ମିଆଦୀ ଆଉ ଦୀର୍ଘମିଆଦୀ ଯୋଜ୍ନା କାର୍ଯ୍ୟକାରୀ କର୍ବାର୍ ଲାଗି ଇ ଅବ୍ସରେ ଜିଲ୍ଲାପାଲ୍ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ସବୁ ଆନୁସଙ୍ଗିକ୍ ବ୍ୟବସ୍ଥା ଠିକ୍ ସମିଆଥି ସାର୍ବାର୍ ଲାଗି ଜିଲ୍ଲାପାଲ୍ ପରାମର୍ଶ ଦେଇଛନ୍ ।

ଫିଟ୍ ଇଣ୍ଡିଆ କାର୍ଣ୍ଣିଭାଲ୍ ଆଇ.ଆଣ୍ଡ୍.ପି.ଆର୍

ପୁରୀ ସମୁଦ୍ରଖଁଡ଼ି ଆଏବା ୨୧ ନୁ ୨୩ ତାରିଖ୍ ତକ୍ ଫିଟ୍ ଇଣ୍ଡିଆ କାର୍ଣ୍ଣିଭାଲ୍ ଆୟୋଜନ୍ କରାଯିବା । କାର୍ଯ୍ୟକ୍ରମ୍ଥି ଆଧୁନିକ୍ ସ୍ୱାସ୍ଥ୍ୟଚର୍ଯ୍ୟା ସଙ୍ଗେ ଓଡ଼ିଶାର୍ ପାରମ୍ପରିକ୍ କ୍ରୀଡ଼ାର୍ ଗୁଟେ ବର୍କସ୍ ତାଲ୍ମେଲ୍ ଦେଖ୍ବାରକେ ମିଲ୍ବା । ଇ ଅବ୍ସରେ ଆଂଚଲିକ୍ କଳା କୌଶଲ୍ର ଭିଲ୍ ପ୍ରଦର୍ଶନ୍ କରାଯିବା । ରାଜ୍ୟ କ୍ରୀଡ଼ା ଆଉ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭିନ୍ ଭିନ୍ ଅଂଶୀଦାର୍ ସଂସ୍ଥାମାନ୍କର୍ ସଙ୍ଗେ ହେଇଥିବା ଗୁଟେ ବୈଠକ୍ଥି ଇ ବାବ୍ଦେ ନିଷ୍ପତି ନିଆଯାଇଛେ ।

## ଅନ୍ତର୍ଜାତୀୟ ଗଣିତ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱସ୍ତରର୍ ସମସ୍ୟାର୍ ସମାଧାନ୍ ଆଉ ବିଜ୍ଞାନ୍ ପ୍ରଯୁକ୍ତି ଦିଗେ ଗଣିତର୍ ଭୂମିକାକେ ସୁର୍‌ତା କର୍‌ବାର୍ ଲାଗି ଆଏଜ୍ ଅନ୍ତର୍ଜାତୀୟ ଗଣିତ ଦିବସ୍ ପାଲନ୍ କରାଯାଉଛେ । ଇତାକେ ପାଏ ଦିବସ୍ ବଲି ଭିଲ୍ କୁହାଯାଏସି । ଗଣିତର୍ ଗୁରୁତ୍ୱପୂର୍ଣ୍ଣ ସଂଖ୍ୟା ପାଏର ମୂଲ୍ୟ ପାଖାପାଖି ୩ ଦଶ୍‌ମିକ୍ ୧/୪ ହେଇଥିବାର୍‌ନୁ ବଛର୍‌ର୍ ୩ ମାସର୍ ୧୪ ତାରିଖ୍‌କେ ଇ ଦିବସ୍ ଭାବେ ବଛାଯାଇଛେ । ୨୦୧୯ ମସିହାନୁ ମିଲିତ ଜାତିସଂଘ ତର୍‌ଫୁ ଅନ୍ତର୍ଜାତୀୟ ଗଣିତ ଦିବସ୍ ପାଲନ୍ କରାଯାଇଆସୁଛେ ।

## ଓଡ଼ିଶା ପର୍ବ ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆଦିଲ୍ଲୀ ଜବାହାର୍‌ଲାଲ୍ ନେହେରୁ ଷ୍ଟାଡ଼ିୟମ୍ ନ ଗଲାକାଏଲ୍ ଠାନୁ ଓଡ଼ିଶା ପର୍ବ ୨୦୨୬ ମୁଲ୍ ହେଇଯାଇଛେ । ଇ ଅବ୍‌ସରେ ଓଡ଼ିଶାର୍ ସମୃଦ୍ଧ ସାଂସ୍କୃତିକ ଆଉ ପ୍ରାକୃତିକ ସୌନ୍ଦର୍ଯ୍ୟକେ ବିଶ୍ୱ ଦର୍‌ବାର୍‌ନୁ ପ୍ରସ୍ତୁତ୍ କରାଯିବା । ଉଦ୍‌ଘାଟନୀ ଉତ୍ସବ୍‌ଥି ଓଡ଼ିଶାର୍

ପାରମ୍ପରିକ୍ ସଂଗୀତ ନୃତ୍ୟ ଆଉ ଜୀବନ୍ତ ଐତିହ୍ୟର୍ ପ୍ରଦର୍ଶନ୍ କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାଓ୍ୱତ୍ ଯୋଗ୍ ଦେଇଥିଲେ ।

ଗ୍ରୀଷ୍ମପ୍ରବାହ ମୁକାବିଲା-ଜିଲ୍ଲାପାଲ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ନ ଗ୍ରୀଷ୍ମପ୍ରବାହର୍ ଠିକ୍ ଭାବେ ମୁକାବିଲା ଲାଗି ଗଲାକାଏଲ୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଇ ବଛର୍ ମାର୍ଚ୍ଚ ନୁ ଜୁନ୍ ମାସ୍ ଭିତ୍‌ରେ ଖରା ଆଉ ଅଂଶୁଘାତ୍‌ର ମୁକାବିଲା ଲାଗି ସଚେତନତା ଆଉ ସତର୍କତା ପଦକ୍ଷେପ୍ ନେବାର୍‌କେ ସବୁ ବିଭାଗ୍‌ର ଅଧିକାରୀଙ୍କୁ ଜିଲ୍ଲାପାଲ୍ ପରାମର୍ଶ ଦେଇଛନ୍ ।

ପିଏମ୍‌ଶ୍ରୀ ଉତ୍ସବ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ୍ ଗଲାକାଏଲ୍ ସୋନ୍‌ପୁର୍ ବ୍ଲକ୍ ଡୁଙ୍ଗୁରିପାଲି କୁଶଳେଶ୍ୱର୍ ଉଚ୍ଚ ବିଦ୍ୟାଳୟ ନ ହେଇଯାଇଛେ ।

ଜିଲ୍ଲା ଶିକ୍ଷାଧିକାରୀଙ୍କର୍ ସଭାପତିତ୍ୱଥି ହେଇଥିବା ଉତ୍ସବ୍‌ଥି ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜାତୀୟ ଶିକ୍ଷାନୀତି ସହେତେ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ବାବ୍‌ଦେ ବୁଝେଇଥିଲେ ।